# PRESS BRIEF

The State Cabinet has approved to amend Industrial Policy Resolution 2015 by addition of a section to provide Special Incentives to New Age Mega Industries.

The New Age Sectors including Automobile Manufacturing; Green Energy; Electronics and Telecommunication equipment manufacturing; Textile, apparel, wearable and luggage; Pharmaceuticals; White Goods and components; Capital Goods; Aerospace and Defense have immense potential to contribute towards the economic and social development of the country. This amendment in IPR will attract the aforesaid category of mega investments to the state with investment ranging from Rs. 300 Cr. to Rs. 1000 Cr. and 500 to 1000 employment by each unit. While the conventional industrial sectors like Steel and aluminium will serve as the foundation of industrial development to the New Age sectors shall be able to provide an impetus for accelerated industrial growth in the coming years. The proposed amendments are expected to attract investments of around Rs. 12000 Crores to the state, creating employment for more than 35000 people. Besides generating revenue and creating local employment, the Mega Industries will also be instrumental in bringing high-end technologies to the state. They will also assist in generation of ancillary industries around them, thereby having a multiplier effect on employment and revenue generation as well as overall growth in the state.

A new chapter 5A is added in IPR 2015 with special incentives for new mega industrial units in specified sectors. This package of incentives compares well with other states and includes land at concessional rate, capital investment subsidy of up to 30%, Reimbursement of SGST, Energy tariff, Electricity duty exemption, employment cost subsidy for Odia employees etc. The investor can avail maximum capital investment subsidy basing on early completion of the total planned investment. State Government will extend necessary special facilitations to the project proponents for commissioning of the unit.

# ପ୍ରେସ ବିଜ୍ଞପ୍ତି



ନୂତନ ଯୁଗର ମେଗା ଇଣ୍ଡଷ୍ଟ୍ରିଗୁଡ଼ିକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଶିଳ୍ପ ନୀତି ୨୦୧୫ ରେ ଏକ ନୂତନ ଧାରା ଯୋଗ କରାଯାଇ ସଂଶୋଧନ କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି ।

ଅଟୋ ମୋବାଇଲ୍ ଉତ୍ପାଦନ ସହିତ ନୂତନ ଯୁଗ କ୍ଷେତ୍ରଗୁଡିକରେ ସବୁଜ ଶକ୍ତି, ବୈଦୁତିକ ଟେଲି ଯୋଗାଯୋଗ ଉପକରଣ ଉତ୍ପାଦନ, ଟେକ୍ସଟାଇଲ୍ ପୋଷାକ, ଭେଷଜ, ହ୍ୱାଇଟ ଗୁଡ୍ସ ଓ କ୍ୟାପିଟାଲ୍ ଗୁଡ୍ସ, ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ର ରହିଛି । ଏହି କ୍ଷେତ୍ର ଗୁଡ଼ିକ ଦେଶର ସାମାଜିକ ଓ ଅର୍ଥନୀତିକ ବିକାଶରେ ଯଥେଷ୍ଟ ସହଯୋଗ କରିବ । ଶିଳ୍ପନୀତିରେ କରାଯାଇଥିବା ସଂଶୋଧନ ଉପରୋକ୍ତ କ୍ଷେତ୍ରଗୁଡ଼ିକ ପ୍ରତି ପୁଞ୍ଜି ନିବେଶକୁ ଆକର୍ଷିତ କରିବ । ପ୍ରତି ଶିଳ୍ପରେ ସର୍ବନିମ୍ନ ୩ ଶହ କୋଟିରୁ ୧ ହଜାର କୋଟି ପୁଞ୍ଜି ନିବେଶ ହୋଇପାରିବ । ସେହିପରି ପ୍ରତି ଉଦ୍ୟୋଗରେ ସର୍ବନିମ୍ନ ପାଞ୍ଚଶହରୁ ଏକ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଯେତେବେଳେ ପାରମ୍ପରିକ ଶିଳ୍ପ ଯଥା ଇସ୍ପାତ ଓ ଆଲୁମିନିୟମ କ୍ଷେତ୍ରଗୁଡ଼ିକ ଶିଳ୍ପ ଅଭିବୃଦ୍ଧିର ଭିତ୍ତଭୂମି ଭଳି କାମ କରିବ, ସେତେବେଳେ ନୂତନ ଯୁଗର କ୍ଷେତ୍ର ଭିତ୍ତୀକ ଶିଳ୍ପ ଗୁଡ଼ିକ ଆଗାମୀ ବର୍ଷ ରେ ତ୍ୱରିତ ଶିଳ୍ପ ଅଭିବୃଦ୍ଧି ଦିଗରେ ପ୍ରେରଣାର ଉତ୍ସ ପାଲଟିବ।

ପ୍ରସ୍ତାବିତ ସଂଶୋଧନ ଗୁଡ଼ିକ ରାଜ୍ୟରେ ପ୍ରାୟ ୧୨ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୩୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ । ରାଜସ୍ୱବୃଦ୍ଧି ଓ ସ୍ଥାନୀୟ ନିଯୁକ୍ତି ସହ ଏହି ମେଗା ଇଣ୍ଡଷ୍ଟ୍ରୀଗୁଡ଼ିକ ରାଜ୍ୟକୁ ଉଚ୍ଚମାନର ବୈଷୟିକ ଜ୍ଞାନ ଆହରଣରେ ସହାୟତା କରିବ । ଏହି ଇଣ୍ଡଷ୍ଟ୍ରୀଗୁଡ଼ିକ ଆନୁଷଙ୍ଗିକ (Ancillary) କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ର ପଥ ଉନ୍ମୁକ୍ତ କରିବ । ଏହାଦ୍ୱାରା ରାଜସ୍ୱ ବୃଦ୍ଧି ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରାଜ୍ୟର ସର୍ବାଙ୍ଗୀନ ବିକାଶରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

ଶିଳ୍ପନୀତି ୨୦୧୫ ରେ ଏକ ନୂତନ ଅଧ୍ୟାୟ ୫ଏ (5A) ଯୋଡ଼ା ଯାଇଛି। ଏଥିରେ ନିର୍ଦ୍ଦିଷ୍ଟ ସେକ୍ଟରରେ ନୂତନ ମେଗା ଇଣ୍ଡଷ୍ଟ୍ରିଆଲ୍ ୟୁନିଟ ପାଇଁ ବିଶେଷ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି । ଏହି ପ୍ରୋତ୍ସାହନ ପ୍ୟାକେଜ୍ ଅନ୍ୟ ରାଜ୍ୟ ଗୁଡ଼ିକ ସହିତ ଭଲ ଭାବେ ତୁଳନା କରାଯାଇଛି। ଏଥିରେ ରିହାତି ମୂଲ୍ୟରେ ଜମି, ୩୦% ଯାଏ ପୁଞ୍ଜି ବିନିଯୋଗ ଅନୁଦାନ, ଏସଜିଏସ୍‌ଟି ଫେରସ୍ତ, ବିଦ୍ୟୁତ୍ ଶୁଳ୍କ ଛାଡ଼ ଏବଂ ଓଡ଼ିଆ କର୍ମଚାରୀଙ୍କ ନିଯୁକ୍ତି ଆଧାରିତ ଅନୁଦାନ ଇତ୍ୟାଦିର ବ୍ୟବସ୍ଥା ହୋଇଛି । ସେହିପରି ରାଜ୍ୟ ସରକାର ପ୍ରକଳ୍ପ ପ୍ରସ୍ତାବକଙ୍କୁ ଶିଳ୍ପର ଯଥା ସମୟରେ ଉତ୍ପାଦନ ଆରମ୍ଭ ନିମନ୍ତେ ସବୁ ପ୍ରକାରର ସହାୟତା ଯୋଗାଇ ଦେବେ ।